# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 31 July - 2024

### News Editor : Itishree Singh Rathaur

*********************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର ସରକାର ଗତ ୧୦ ବର୍ଷ ମଧ୍ୟରେ ମେଡିକାଲ ସିଟ୍ ସଂଖ୍ୟା ୧ ଲକ୍ଷ ୧୦ ହଜାରକୁ ବୃଦ୍ଧି କରିଛନ୍ତି; କହିଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ
- ରାଜ୍ୟର ପ୍ରତ୍ୟେକ ସବ୍‌ଡିଭିଜନ୍‌ରେ ୫୮ଟି ଶୀତଳଭଣ୍ଡାର ପ୍ରତିଷ୍ଠା ହେବ; ବିଧାନସଭାରେ ସୂଚନା ଦେଲେ ବିଭାଗୀୟ ମନ୍ତ୍ରୀ
- କେରଳ ଭୂସ୍ଖଳନ ଘଟଣା ପରେ ନିଖୋଜ ଦୁଇ ଓଡ଼ିଆ ଡାକ୍ତରଙ୍କ ମଧ୍ୟରୁ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା
- ପୁରୀ ଶ୍ରୀମନ୍ଦିରରେ ଆଜି ଅନୁଷ୍ଠିତ ହେଉଛି ଚକ୍ରନାରାୟଣ ଏକାଦଶୀ ନୀତି

ଏବଂ

- ଘୂର୍ଣ୍ଣିବଳୟର ପ୍ରଭାବରେ ରାଜ୍ୟରେ ବର୍ଷା ଜାରି; ଘଡଘଡି ସହ ବର୍ଷା ହେବା ନେଇ ୧୫ଟି ଜିଲ୍ଲାକୁ ସତର୍କ ସୂଚନା

## ରାଜ୍ୟସଭା-ଧର୍ମେନ୍ଦ୍ର ପ୍ରଧାନ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଅମଳରେ ଗତ ୧୦ ବର୍ଷ ମଧ୍ୟରେ ମେଡିକାଲ ସିଟ୍ ସଂଖ୍ୟା ୧ ଲକ୍ଷ ୧୦ ହଜାରକୁ ବୃଦ୍ଧି ପାଇଛି ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଜି ରାଜ୍ୟ ସଭାରେ କହିଛନ୍ତି। ସେ କହିଛନ୍ତି, ଦେଶରେ ଜାତୀୟ ପରୀକ୍ଷଣ ସଂସ୍ଥାନ ଏନ୍‌ଟିଏ ଦ୍ୱାରା ପରିଚାଳିତ ପ୍ରାୟ ୨୫୦ଟି ପରୀକ୍ଷାରେ ୫ କୋଟିରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି। ଦିଲ୍ଲୀ କୋଚିଂ ସେଣ୍ଟରରେ ହୋଇଥିବା ଦୁର୍ଘଟଣା ସମ୍ପର୍କରେ ଉତ୍ତର ଦେଇ ଶ୍ରୀ ପ୍ରଧାନ କହିଛନ୍ତି, ସରକାର ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ ଦେଉଛନ୍ତି।

## ବିଧାନସଭା-୧

ରାଜ୍ୟରେ ପ୍ରତ୍ୟେକ ସବଡିଭିଜନରେ ମୋଟ ୫୮ଟି ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯିବ ବୋଲି ବିଧାନସଭାରେ କଂଗ୍ରେସ ବିଧାୟକ ରାମଚନ୍ଦ୍ର କାଡାମଙ୍କ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ କହିଛନ୍ତି। ସେ କହିଛନ୍ତି, ଏହି ଶୀତଳ ଭଣ୍ଡାରଗୁଡିକ ପିପିପି ମୋଡରେ ତିଆରି ହେବ। ଚାଷୀମାନେ ସେମାନଙ୍କ ଉତ୍ପାଦକୁ ଏଥିରେ ରଖିପାରିବେ । ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆହୁରି ଅଧିକ ଶୀତଳ ଭଣ୍ଡାର ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ବିଧାନସଭା-କ୍ଷତିପୂରଣ

ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା କାରଣରୁ ଚାଷୀମାନଙ୍କର ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ଚୂଡାନ୍ତ ରିପୋର୍ଟ ମିଳିବା ପରେ କ୍ଷତିପୂରଣ ପ୍ରଦାନ ନେଇ ପଦକ୍ଷେପ ନିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କହିଛନ୍ତି। ସେ କହିଛନ୍ତି, ଏ ସମ୍ପର୍କରେ ରାଜସ୍ୱ ନିରୀକ୍ଷକମାନଙ୍କଠାରୁ ଜିଲ୍ଲାପାଳମାନେ ରିପୋର୍ଟ ମାଗିଛନ୍ତି। ବିଧାନସଭାରେ ଆଜି ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲଙ୍କ ଏକ ପ୍ରଶ୍ନର ଉତ୍ତରରେ ସେ ଏହି ସୂଚନା ଦେଇଛନ୍ତି।

## ବିଧାନସଭା

ରାଜ୍ୟରେ ପୂର୍ବ ସରକାରଙ୍କ ସମୟରେ ୧୧ ହଜାର ୪୩୨ଟି କ୍ଷୁଦ୍ରଶିଳ୍ପ ବନ୍ଦ ହୋଇଛି ବୋଲି ବିଭାଗୀୟ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ବିଧାନସଭାରେ କହିଛନ୍ତି। ବିଧାୟକ ଚକ୍ରମଣି କହଁରଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ମଲ୍ଲିକ୍ କହିଛନ୍ତି, କରୋନା ସମୟରେ ୩ ହଜାର ୨୦୭ଟି କ୍ଷୁଦ୍ରଶିଳ୍ପ ବନ୍ଦ ହୋଇଛି। ସେହିଭଳି ବାଲେଶ୍ୱରରେ ସର୍ବାଧିକ ୫୭୬, ଗଞ୍ଜାମରେ ୪୮୪ ଏବଂ ସମ୍ବଲପୁରରେ ୩୨୧ଟି କ୍ଷୁଦ୍ରଶିଳ୍ପ ବନ୍ଦ ହୋଇଛି।

## ଘରେ ବସି ଚାଉଳ ପାଇବେ

ବିଧାନସଭାରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ରାସନକାର୍ଡ ହିତାଧିକାରୀ ଘରେ ବସି ଚାଉଳ ପାଇପାରିବେ। ଯେଉଁମାନେ ପଂଚାୟତ ଅଫିସ ଆସିପାରୁନାହାନ୍ତି ସେମାନଙ୍କୁ ଘରେ ଚାଉଳ ପଂହଁଚାଇବା ପାଇଁ ସରକାର ବ୍ୟବସ୍ଥା କରୁଛନ୍ତି। ସେହିଭଳି ବାର୍ଦ୍ଧକ୍ୟ କାରଣରୁ ଯେଉଁମାନଙ୍କ ଟିପ ଚିହ୍ନ କାମ କରୁନାହିଁ ସେମାନଙ୍କ ପାଇଁ ସରକାର ସ୍ୱତନ୍ତ୍ର ଆପ୍ ଆଣିବେ ବୋଲି ମନ୍ତ୍ରୀ କହିଛନ୍ତି।

## ରେଳ ନିରାପତ୍ତା

ରେଳ ନିରାପତ୍ତାକୁ ଅଧିକ ସଶକ୍ତ କରିବା ସହିତ ଟ୍ରେନ୍‌ର ଗତି ବୃଦ୍ଧି ଦିଗରେ ରେଳ ମନ୍ତ୍ରଣାଳୟ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ପୂର୍ବତଟ ରେଳପଥର ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଅଧୀନସ୍ଥ ଭଦ୍ରକ-ପଲଶା ଏବଂ ଖୋର୍ଦ୍ଧାରୋଡ୍-ପୁରୀ ରେଳ ସେକ୍ସନରେ ଟ୍ରାକ୍ ନିରାପତ୍ତା ଜନିତ ରେଳ ଧାରଣା କଡ଼ରେ ବାଡ଼ ଦେବା ଲାଗି ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି । ଏଥିଲାଗି ଟ୍ରାକ୍ ନିକଟରେ ନିଜ ସୀମା ମଧ୍ୟରେ ପ୍ରାଚୀର ନିର୍ମାଣ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ପ୍ରାୟ ୨୭୫ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଏହାଦ୍ୱାରା ଟ୍ରାକ୍ ନିକଟରେ ବିଚରଣ କରୁଥିବା ଗୃହପାଳିତ ପଶୁ ରେଳ ଲାଇନ୍‌ରେ ପ୍ରବେଶ କରିପାରିବେ ନାହିଁ । ନିକଟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଲୋକସଭାରେ ଏ ସମ୍ପର୍କରେ ସୂଚନା ଦେଇ କହିଥିଲେ, ବନ୍ଦେ ଭାରତ ଟ୍ରେନ୍‌ର ଚଳାଚଳକୁ ସୁଗମ କରିବା ସହିତ ୧୩୦ କିଲୋମିଟର ବା ଏହାଠାରୁ ଅଧିକ ବେଗରେ

ନିରାପଦରେ ଟ୍ରେନ୍ ଚଳାଚଳ କରିବା ଲାଗି ନିରାପତ୍ତାଜନିତ ବାଡ଼ ଦେବା କାର୍ଯ୍ୟ ଆରମ୍ଭ କରାଯିବ ।

## ଭୂସ୍ଖଳନ

କେରଳ ଭୂସ୍ଖଳନ ଘଟଣାରେ ନିଖୋଜ ଥିବା ୨ ଜଣ ଓଡ଼ିଆ ଡାକ୍ତରଙ୍କ ମଧ୍ୟରୁ ଜଣଙ୍କର ମୃତଦେହ ମିଳିଥିବା  ସୂଚନା ମିଳିଛି। ରାଜସ୍ୱ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ମୃତ ଦେହର ଚିହ୍ନଟ ପାଇଁ ଓଡ଼ିଶାରୁ ଦୁଇଜଣ ଅଧିକାରୀଙ୍କୁ କେରଳ ପଠାଯାଇଛି। ଡାକ୍ତର ବିଷ୍ଣୁପ୍ରସାଦ ଚିନାରାଙ୍କ ମୃତଦେହ ମିଳିଥିବା ଜଣାପଡିଛି। ଏହାପୂର୍ବରୁ ମନ୍ତ୍ରୀ ଶ୍ରୀ ପୂଜାରୀ ଦୁଇ ଓଡ଼ିଆଙ୍କ ଉଦ୍ଧାର ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ସହିତ ଆଲୋଚନା କରିଥିଲେ। ଏହାସହ ସେମାନଙ୍କ ପରିବାରବର୍ଗଙ୍କ ସହ ଯୋଗାଯୋଗରେ ଥିବା ମନ୍ତ୍ରୀ  ଜଣାଇଥିଲେ। ସୂଚନା ଅନୁସାରେ, କଟକ ଚୌଦ୍ୱାର  ଅଂଚଳର ଡାକ୍ତର ସ୍ୱାଧୀନ ପଣ୍ଡା ଏବଂ ଡାକ୍ତର ବିଷ୍ଣୁପ୍ରସାଦ ଚିନାରା କେରଳ ଛୁଟି କଟାଇବା ପାଇଁ ଯାଇଥିଲେ। ଏହି ସମୟରେ ଭୂସ୍ଖଳନ ହୋଇଥିଲା।

## ସହରୀ ବନ୍ୟା - ବ୍ଲୁ-ପ୍ରିଣ୍ଟ

ସହରାଞ୍ଚଳ ବନ୍ୟା ରୋକିବା ଲାଗି ରାଜ୍ୟ ସରକାର ଏକ କାର୍ଯ୍ୟଖସଡା ପ୍ରସ୍ତୁତ କରିଛନ୍ତି । ନଗର ଉନ୍ନୟନ ବିଭାଗ ସଚିବ ଉଷା ପାଢ଼ୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ  ବର୍ଷା ସମୟରେ ନାଳନର୍ଦ୍ଦମା ଜଳ ନିଷ୍କାସନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ସହରରେ ଥିବା

ନାଳଗୁଡ଼ିକରେ ବାରିକେଡ୍ କରିବା ସହିତ ମୁକୁଳା ଡ୍ରେନ୍ ଉପରେ ସ୍ଲାବ୍ ପକାଇବା, ଖୋଲା ଡ୍ରେନ୍ ସ୍ଲାବ୍‌ରେ ଯେପରି ଦୁର୍ଘଟଣା ନ ଘଟେ, ସେଥିପ୍ରତି ଧ୍ୟାନ ଦେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଡ୍ରେନ୍ ପାଣିକୁ ଅବରୋଧ କରୁଥିବା ଜବରଦଖଲକୁ ତୁରନ୍ତ ହଟାଇବା ସହ ସମ୍ବେଦନଶୀଳ ଜାଗା ଚିହ୍ନଟ କରି ଜଳ ନିଷ୍କାସନ ପାଇଁ ପମ୍ପ୍‌ସେଟ୍ ମହଜୁଦ୍ ରଖିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି।

## ଷ୍ଟ୍ରିଟ୍ ଫୁଡ୍ ହବ୍

ରାଜ୍ୟର ୪ଟି ସ୍ଥାନରେ ଷ୍ଟ୍ରିଟ୍ ଫୁଡ୍ ହବ୍ ପ୍ରତିଷ୍ଠା ହେବ। ଏଥିପାଇଁ ଜାଗା ଚିହ୍ନଟ ହେବା ସହ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ଖାଦ୍ୟ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।  ଦେଶର ଖାଦ୍ୟ ଇକୋସିଷ୍ଟମ୍‌କୁ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ସୂଚନା ଅନୁସାରେ, କଟକ ବାରବାଟୀ ଷ୍ଟାଡିୟମ୍ ନିକଟରେ ହେବାକୁ ଥିବା ଷ୍ଟ୍ରିଟ୍ ଫୁଡ୍ ହବ୍ ପାଇଁ ୩ କୋଟି ୮୬ ଲକ୍ଷ ୪୨ ହଜାର ଟଙ୍କା ଖର୍ଚ୍ଚ ହେବ। ସେହିଭଳି ଭୁବନେଶ୍ୱରର ନାଲ୍‌କୋ ଛକ ଏବଂ ଶୈଳଶ୍ରୀବିହାରରେ ଫୁଡ୍ ହବ୍ କରାଯିବ। ଏହିସବୁ ସ୍ଥାନରେ ବିଶୁଦ୍ଧ ପାନୀୟ ଜଳ, ଶୌଚାଳୟ, ତରଳ ଓ କଠିନ ବର୍ଜ୍ୟବସ୍ତୁ ନିଷ୍କାସନ ଆଦିର ବ୍ୟବସ୍ଥା ରହିବ।

## ୟୁପିଏସ୍‌ସି ନିଯୁକ୍ତି

କେନ୍ଦ୍ରୀୟ ଲୋକସେବା ଆୟୋଗ-ୟୁପିଏସ୍‌ସିର ସଦସ୍ୟ ତଥା ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ପ୍ରୀତିସୁଦନଙ୍କୁ ୟୁପିଏସ୍‌ସିର ନୂଆ ଅଧ୍ୟକ୍ଷ ଭାବେ ନିଯୁକ୍ତି ମିଳିଛି। ୧୯୮୩ ବ୍ୟାଚ୍ ଆଇଏଏସ୍ ଅଧିକାରୀ ଶ୍ରୀମତୀ ସୁଦନଙ୍କର ପ୍ରଶାସନିକ କ୍ଷେତ୍ରରେ ଦୀର୍ଘ ୩୭ ବର୍ଷର ଅଭିଜ୍ଞତା ରହିଛି। ପୂର୍ବରୁ ସେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ମହିଳା ଓ ଶିଶୁ ବିକାଶ ଏବଂ ପ୍ରତିରକ୍ଷା ମନ୍ତ୍ରଣାଳୟରେ ବିଭିନ୍ନ ଦାୟିତ୍ୱରେ ରହି ଦକ୍ଷତାର ସହ କାର୍ଯ୍ୟ କରିଛନ୍ତି।

## ଶିକ୍ଷା ବିଭାଗର ସମୀକ୍ଷା ବୈଠକ

**ଗଞ୍ଜାମ** ଜିଲ୍ଲା ଛତ୍ରପୁରଠାରେ ଜିଲ୍ଲା ଶିକ୍ଷା ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ଜିଲ୍ଲାପାଳ ବ୍ଲକ୍ ଶିକ୍ଷାଅଧିକାରୀମାନଙ୍କୁ ନିୟମିତ ସ୍କୁଲ ପରିଦର୍ଶନ କରିବାକୁ ପରାମର୍ଶ ଦେଇଛନ୍ତି। ବିଦ୍ୟାଳୟଗୁଡ଼ିକରେ ମୁଖ୍ୟତଃ ମଧ୍ୟାହ୍ନ ଭୋଜନ, ଶୌଚାଳୟଗୁଡିକର ସ୍ଥିତି, ଭିତ୍ତିଭୂମି ଆଦିର ତଦାରଖ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି କସ୍ତୁରବାଗାନ୍ଧୀ ଆବାସିକ ବିଦ୍ୟାଳୟ ଓ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ ପାଇଁ ମଧ୍ୟ ଜିଲ୍ଲାପାଳ କହିଛନ୍ତି।

## ଉନ୍ନୟନ ସମୀକ୍ଷା ବୈଠକ

**ଗଂଜାମ** ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ପ୍ରଧାନମନ୍ତ୍ରୀ ଅନୁସୂଚିତ ଜାତି ଅଭ୍ୟୁଦୟ ଯୋଜନା (ପିଏମ ଅଜୟ), ଛାତ୍ରାବାସରେ ରହୁଥିବା ଛାତ୍ରଛାତ୍ରୀଙ୍କ ଆନୁସଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜିଲ୍ଲାରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଛାତ୍ରଛାତ୍ରୀଙ୍କ ପାଇଁ ୪୭ଟି ଛାତ୍ରାବାସ ରହିଛି।

## ବନ୍ୟାଜଳ ନିଷ୍କାସନ

ନୂଆପଡା ଜିଲ୍ଲା ଖଡିଆଳ ତିଖାଲି ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ୨ଟି ଗେଟ୍‌ରୁ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଛି। ବିଭାଗୀୟ ଅଧିକାରୀଙ୍କ ସୂଚନା ଅନୁସାରେ ବନ୍ଧରୁ ପ୍ରତି ସେକେଣ୍ଡ୍‌ରେ ୯୮ କ୍ୟୁବିକ୍ ସେଟ୍ ଜଳ ନିଷ୍କାସିତ ହେଉଛି। ବନ୍ଧରେ ୨୬୩ ଦଶମିକ ୪୪ ମିଟର ଜଳରାଶି ରହିଛି।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର-୨୦୨୪ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ନେଇ ଅଧିକ ସୂଚନା ପାଇଁ ବିଭିନ୍ନ ଜିଲ୍ଲାର ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଏବଂ ବିଦ୍ୟାଳୟଗୁଡ଼ିକର ପ୍ରଧାନଶିକ୍ଷକଙ୍କ ସହ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ଯୋଗାଯୋଗ କରିପାରିବେ।

## ଚକ୍ରନାରାୟଣ ଏକାଦଶୀ

**ପୁରୀ** ଶ୍ରୀମନ୍ଦିରରେ ଆଜି ଚକ୍ରବୁଲା ବା ଚକ୍ରନାରାୟଣ ଏକାଦଶୀ ନୀତି ଅନୁଷ୍ଠିତ ହେଉଛି। ମଧ୍ୟାହ୍ନ ଧୂପ ଶେଷ ହେବା ପରେ ମଇଲମ ହୋଇ ଶ୍ରୀଜୀଉମାନଙ୍କୁ ଖଣ୍ଡୁଆ ପାଟ ପିନ୍ଧାଇ ଆଳତି ଓ ସର୍ବାଙ୍ଗ ଆରମ୍ଭ କରାଯିବ। ଏହାପରେ ଦକ୍ଷିଣ ଘରୁ ମହାଜନ ସେବକମାନେ ମଦନମୋହନଙ୍କୁ ସିଂହାସନକୁ ଆଣିବେ। ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇବା ପରେ ମଦନମୋହନ ଏକାଦଶୀ ବେଢ଼ା ପରିକ୍ରମା କରିବେ। ଏହାପରେ ସୁନାବେଶରେ ମହାପ୍ରଭୁଙ୍କ ହାତରେ ସୁସଜ୍ଜିତ ସୁନାର ଚକ୍ର ଅର୍ଥାତ୍ ଚକ୍ରନାରାୟଣଙ୍କୁ ସିଂହାସନ ନିକଟକୁ ନିଆଯିବ। ଆଜ୍ଞାମାଳ ପ୍ରାପ୍ତ ହେବା ପରେ ବିମାନ ବଡୁ ସେବକମାନଙ୍କ ଦ୍ୱାରା ବିମାନରେ ବିଜେ ହୋଇ ନଗର ପରିକ୍ରମା କରିବେ। ବର୍ଷରେ ଥରେ ମାତ୍ର ସୁବର୍ଣ୍ଣଚକ୍ର ଶ୍ରୀମନ୍ଦିର ବାହାରକୁ ଏକାକୀ ବିଜେ କରିଥାନ୍ତି।

## ପାଣିପାଗ

ଘୂର୍ଣ୍ଣିବଳୟ ପ୍ରଭାବରେ ରାଜ୍ୟର ଅଧିକାଂଶ ସ୍ଥାନରେ ବର୍ଷା ଲାଗିରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ ଏହିଭଳି ସ୍ଥିତି ଜାରି ରହିବ । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ୧୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ଅପରପକ୍ଷରେ, ରାଜ୍ୟରେ ନିଅଣ୍ଟିଆ ବର୍ଷା ସ୍ଥିତି ଜାରି ରହିଛି। ଗତ ଜୁନ୍ ପହିଲାରୁ ଆଜି ପର୍ଯ୍ୟନ୍ତ ରାଜ୍ୟରେ ୪୮୯ ଦଶମିକ ୫ ମିଲିମିଟର ବର୍ଷା

ହୋଇଥିବା ଜଣାପଡିଛି। ଏହା ସ୍ୱାଭାବିକ୍ ବର୍ଷାଠାରୁ ୧୧ ପ୍ରତିଶତ କମ୍ ରହିଛି। ଏହି ସମୟ ମଧ୍ୟରେ ୧୨ଟି ଜିଲ୍ଲାରେ କମ୍ ବୃଷ୍ଟିପାତ ହୋଇଛି।

*********************************